ଶନିବାର, ୧ ଫେବୃଆରୀ, ୨୦୨୫

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 51 Years



## ଖିଲି ଖିଲି ହସ

ଅପହରଣକାରୀ: ତୁମ ପୁଅ ମୋ ପାଖରେ ଅଛି ....
ମା': ତା' ସହିତ ମୋତେ ଟିକେ କଥା କରେଇଦିଅ।
ଅପହରଣକାରୀ ପୁଅକୁ ଫୋନ୍ ଦେଲା.....
ମା': ତୁ ସେଠି କ'ଣ କରୁଛୁ, ମୋତେ ଧନିଆଁପତ୍ର କିଏ ଦେବ ତୁ ସେଠାରେ ବସିଛୁ?

ଜଣେ ମହିଳା ମଲ୍‌ରୁ ବିସ୍କୁଟ୍ ପ୍ୟାକେଟ୍ ଚୋରି କରୁଥିବା ସମୟରେ ଧରାପଡ଼ିଲେ। ଜଜ୍ କହିଲେ– ସେଥିରେ ତ ୧୦ଟି ବିସ୍କୁଟ୍ ଥିଲା। ସେଥିପାଇଁ ତୁମକୁ ୧୦ଦିନର ଦଣ୍ଡ ମିଳିବ। ସେଇ ସମୟରେ ପଛରୁ ଅନ୍ୟ ଜଣେ ମହିଳା କହିଲେ– ଆଜ୍ଞା! ସେ ଖାଲି ବିସ୍କୁଟ୍ ନୁହେଁ, ଶାଗୁଦାନା ପ୍ୟାକେଟ୍ ମଧ୍ୟ ଚୋରି କରିଛନ୍ତି।

ଶିକ୍ଷକ: ଆରେ ଚିଣ୍ଟୁ ମୁଁ କାଲି ତୋତେ ହୋମ୍‌ୱାର୍କ କରିବାକୁ ଦେଇଥିଲି, ହେଲେ ତୁ କାହିଁ କରିନୁ ?
ଚିଣ୍ଟୁ : ସାର୍, ମୁଁ ପରା ହଷ୍ଟେଲରେ ରହୁଛି, ହୋମ୍‌ୱାର୍କ କେମିତି କରିବି !

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ବିଦ୍ୟାଦେବୀ

## ଗପ

ବସନ୍ତ ପଞ୍ଚମୀ ଦିନ ରେଣୁକା ଘରେ ସରସ୍ୱତୀ ପୂଜାର ଆୟୋଜନ ଚାଲିଥାଏ। ମା'ଙ୍କ ପ୍ରତିମୂର୍ତ୍ତି ନିକଟରେ ଫୁଲମାଳ ଏବଂ ପୂଜା ସାମଗ୍ରୀ ରଖା ହୋଇଥାଏ। ପ୍ରତିମୂର୍ତ୍ତି ଚାରିପଟେ ଆମ୍ବପତ୍ର ଗୁଚ୍ଛା ହୋଇ ସୁନ୍ଦର ଭାବେ ଟଙ୍ଗା ହୋଇଥାଏ। ରେଣୁକା ବି ନୂଆ ଫ୍ରକ୍ ପିନ୍ଧି ମନେମନେ ଭାରି ଖୁସି ହେଉଥାଏ। ଜେଜେ କହିଲେ–ରେଣୁ! ତୋ ପଢ଼ାବହି ଆଣି ପୂଜା ସ୍ଥାନରେ ଗୋଟେ ଧୂଆ ପିଢ଼ାପଟା ଉପରେ ରଖ।

ଜେଜେ! ଏଠି ମୋ ପଢ଼ାବହି ଓ ଖାତା କ'ଣ ପାଇଁ ରଖିବି? ରେଣୁକା ମନରେ ପ୍ରଶ୍ନ। ସରସ୍ୱତୀ ପରା ବିଦ୍ୟାର ଦେବୀ। ଆମକୁ ସବୁ ବିଦ୍ୟା ସେଇ ପୁସ୍ତକରୁ ପ୍ରାପ୍ତ ହୋଇଥାଏ। ବିଦ୍ୟାଦେବୀ କ'ଣ କରନ୍ତି?

ବିଦ୍ୟାଦେବୀ ଆମକୁ ଜ୍ଞାନ ଓ ବୁଦ୍ଧିର ଆଶୀର୍ବାଦ ଦିଅନ୍ତି। ତାଙ୍କ ଆଶୀର୍ବାଦରେ ଆମେ ଲେଖାପଢ଼ା ଶିଖି ଆଗକୁ ଅଧିକ ପଢ଼ିବା ପାଇଁ ସୁଯୋଗ ପାଇଥାଉ।

ଆଚ୍ଛା ଏମିତି କଥା........, ରେଣୁକା ଜେଜେଙ୍କ କଥା ମାନି ନିଜ ରୁମ୍‌ରୁ ପଢ଼ା ପୁସ୍ତକ ନେଇଆସିଲା। ପରେ ତା' ମମି, ପାପା ଓ ସାନ ଭଉଣୀ ବିଦିକା ଆସି ପୂଜା ସ୍ଥାନରେ ବସିଗଲେ। ପୂଜା ଆରମ୍ଭ ହେଲା। ସମସ୍ତେ ମିଳିମିଶି ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳିଅର୍ପଣ କଲେ। ପୂଜା ଶେଷ ହେବା ପରେ ଜେଜେ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଣାମ କରି କହିଲେ– ହେ ମା'! ଆମ ସମସ୍ତଙ୍କୁ ଜ୍ଞାନ ଓ ବୁଦ୍ଧିର ଆଶୀର୍ବାଦ ଦିଅ।

ରେଣୁକା ତା' ଜେଜେଙ୍କୁ ପଚାରିଲା–ଜେଜେ! ତୁମେ କ'ଣ ପ୍ରତିବର୍ଷ ସରସ୍ୱତୀ ପୂଜା କର?

ହଁ–ରେ ମା'! ପିଲାଦିନରୁ କରିଆସୁଛି। ହେଲେ



ଜେଜେମା' ତ ଏଯାଏ କିଛି ଲେଖାପଢ଼ା ଜାଣିନାହିଁ। ଏ ପର୍ଯ୍ୟନ୍ତ ମା' ସରସ୍ୱତୀ କ'ଣ ତାକୁ ଆଶୀର୍ବାଦ ଦେଇନାହାନ୍ତି? ନା ରେ ମା' ତୋ ଜେଜେମା'ର ଘରଠାରୁ ସ୍କୁଲ ବହୁଦୂରରେ ଥିବାରୁ ତା' ବାପା ସ୍କୁଲକୁ ପଠାଇ ନଥିଲେ।

ତା'ହେଲେ ମୁଁ ଏବେ ଜେଜେମା'କୁ ପାଠ ପଢ଼ାଇବି। ରେଣୁକା ଉତ୍ସାହିତ ହୋଇ କହିଲା।

ତା' କଥା ଶୁଣି ଉପସ୍ଥିତ ସମସ୍ତେ ଏକାସାଙ୍ଗରେ ହସିଉଠିଲେ।

ହଉ ହେଲା! ପ୍ରଥମେ ତୋ' ଜେଜେମା'କୁ ପଚାର ପରିଣତ ବୟସରେ ସେ ପଢ଼ିବା ପାଇଁ ରାଜି ହେବ କି ନା! ଜେଜେ ସ୍ମିତ ହସ ମଧ୍ୟରେ ଜେଜେମା'କୁ କଣେଇ କଣେଇ ଚାହିଁ ନାତୁଣୀକୁ କହିଲେ।

ରେଣୁକା ତା' ଜେଜେମା କାନ୍ଧରେ ଓହଳି ହୋଇ କହିଲା– ଜେଜେମା'!

ତୁ ମୋଠାରୁ ଲେଖାପଢ଼ା ଶିଖିବୁ ନା?

ମା'–ରେ ଏ ବୁଢ଼ୀ ବୟସରେ ମୁଁ ଲେଖାପଢ଼ା ଶିଖି କ'ଣ କରିବି?

ମୋତେ ତ ଖଡ଼ି ଧରିବା ଆସେନାହିଁ।


ତୁ ଆଦୌ ଚିନ୍ତା କରନା! ମୁଁ ତୋତେ ସବୁ ଶିଖାଇଦେବି। ଏହା କହି ସେ ଯଥାଶୀଘ୍ର ଦୌଡ଼ିଯାଇ ତା' ପୁରୁଣା ସ୍ଲେଟ୍ ଓ ଖଡ଼ି ନେଇ ଆସିଲା। ପୁଣି ଜେଜେମା' ହାତରେ ଖଡ଼ି ଧରେଇ ସ୍ଲେଟ୍‌ରେ ଅଙ୍କା ବଙ୍କା ରେଖା ଟାଣି 'ଅ' ଫଳା ଶିଖାଇଲା। ଏଇ ଦେଖ ଜେଜେମା' ଏହାକୁ 'ଅ' କୁହନ୍ତି।

କିଛି ସମୟ ଅଭ୍ୟାସ କରିବା ପରେ ରେଣୁକାର ଜେଜେମା 'ଅ' ଅକ୍ଷର ଶିଖିଗଲେ। ଜେଜେ, ମମି, ପାପା, ବିଦିକା ତାଳି ମାରି ଜେଜେମା'ର ସାହସ ବଢ଼େଇଲେ। ଜେଜେମା'ଙ୍କ ଆଖିରେ ଅକ୍ଷର ଜ୍ଞାନର ଖୁସି ଉଭାସିତ ହେଉଥାଏ। ରେଣୁକା ବି ଖୁସିରେ ଅଧିର ହୋଇ କହିଲା–ଜେଜେ ସତ କହୁଥିଲେ ମା' ସରସ୍ୱତୀ ବିଦ୍ୟାର ଦେବୀ। ସେ ଆମକୁ ଜ୍ଞାନ ଓ ବୁଦ୍ଧି ପ୍ରଦାନ କରନ୍ତି। ତାଙ୍କରି ଆଶୀର୍ବାଦରେ ଜେଜେମା' ଆଜି ପାଠର ପ୍ରଥମ ଅକ୍ଷର 'ଅ' ଶିଖିଲା।

**– ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି–୭୪, ସଲ୍ଟ ଲେକ୍, କୋଲକାତା–୬୪
ମୋ: ୯୬୮୧୩୭୩୫୧୨

# ଆଖି ବନ୍ଦକରି ଜାଣିପାରେ

ବତକ ଆଖି ବନ୍ଦକରି ବିଭିନ୍ନ ଦିଗ ଓ ଆଖପାଖରେ ଥିବା ସବୁ ଜିନିଷକୁ ଜାଣିପାରେ। ବତକ ପ୍ରଥମେ ଏକ ସ୍ୱର ସୃଷ୍ଟି କରିଥାଏ। ଏହି ସ୍ୱର କୌଣସି ବସ୍ତୁରେ ବାଧାପ୍ରାପ୍ତ ହୋଇ ଫେରିବା ପରେ ଯେଉଁ ଶବ୍ଦ ସୃଷ୍ଟି ହୁଏ ତାହା ଅନୁଭବ କରି ବତକ ସବୁ ଦିଗ ଜାଣିପାରେ। ଏହି ଉପାୟରେ ସେ ଅନ୍ଧାରରେ ମଧ୍ୟ ସବୁ ଜାଣିବାକୁ ସକ୍ଷମ ହୁଏ। ପ୍ରାକୃତିକଭାବେ ବତକ ପାଖରେ ଆହୁରି ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟଜନକ ଗୁଣ ଦେଖିବାକୁ ମିଳିଥାଏ। ଏମାନେ ବହୁ ସମୟ ପାଣିରେ ବୁଡି ରହିଥିଲେ ବି ଏମାନଙ୍କ ପର ସମ୍ପୂର୍ଣ୍ଣ ଶୁଖିଲା ରହିଥାଏ। ପାଦର ସ୍ୱତନ୍ତ୍ରତା ପାଇଁ ଏମାନେ ପହଁରି ପାରନ୍ତି। କିନ୍ତୁ ପାଦରେ କୌଣସି ସ୍ନାୟୁ କିମ୍ବା ରକ୍ତନଳୀ ନ ଥିବାରୁ ଥଣ୍ଡା ଅନୁଭବ କରିପାରନ୍ତି ନାହିଁ। ଘାସପତ୍ର, ମଞ୍ଜି, ଫଳ, ଭାତ ତଥା ମାଛ ଓ ବିଭିନ୍ନ ପ୍ରକାରର ପୋକଜୋକ ମଧ୍ୟ ଖାଆନ୍ତି। ସାମାଜିକ ପ୍ରାଣୀ ଭାବେ ଏମାନେ ଏକାଠି ରହିବାକୁ ବେଶି ପସନ୍ଦ କରନ୍ତି। ଗୋଟିଏ ଆଖି ଖୋଲା ରଖି ଶୋଇପାରନ୍ତି। ମୁଣ୍ଡକୁ ଅଦ୍ଭୁତଭାବେ ବୁଲାଇ ଏମାନେ ନିଜ ଶରୀରକୁ ସଫା କରନ୍ତି। ତେବେ ଉପଯୁକ୍ତ ଯତ୍ନ ନେଲେ ଏମାନେ ୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି।



## ମତାମତ

➲ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ 'ଭୀମରାଓ ଆମ୍ବେଡକର'ଙ୍କ ଜୀବନୀ ବିଷୟରେ କିଛି କଥା ଜାଣିବାକୁ ମିଳିଲା।

**– ମନସ୍ୱିନୀ ସାହୁ, ନୟାଗଡ଼**


➲ ଆଇନା ପୃଷ୍ଠାରେ ପ୍ରକାଶିତ ମୟଙ୍କ ଏବଂ ଶୁଭଲକ୍ଷ୍ମୀଙ୍କ ଫଟୋ ବେଶ୍ ସୁନ୍ଦର ହୋଇଥିଲା।

**– ରାହୁଲ ରାୟ,ପିପିଲି, ପୁରୀ**

➲ ଏଥର ପ୍ରକାଶିତ ସମସ୍ତ କବିତା ମନଛୁଆଁ ହୋଇପାରିଛି।

**– ପୂଜା ସାହୁ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

## ରଙ୍ଗ ଦିଅ





# ପୂଜା ଆସିଛି

**ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାପାଇଁ ଏବେ ସବୁଠି ଉତ୍ସବ ମୁଖର। ସ୍କୁଲ କଲେଜରେ ହୋଇଛି ସ୍ୱତନ୍ତ୍ର ପ୍ରସ୍ତୁତି। ତେବେ ଏଥିପାଇଁ ସ୍କୁଲ ପିଲାଙ୍କର ପ୍ରସ୍ତୁତି ଭିନ୍ନ।**

ସ୍କୁଲ ପିଲାଙ୍କ ପାଇଁ ସରସ୍ୱତୀ ପୂଜାର ଏକ ଭିନ୍ନ ଆକର୍ଷଣ ରହିଥାଏ। ନୂଆ ପୋଷାକ ପିନ୍ଧି ସ୍କୁଲର ପୂଜାରେ ସାମିଲ ହେବାରେ ଏକ ନିଆରା ଆନନ୍ଦ। ତା'ଛଡ଼ା ପୂଜା ପାଇଁ ସ୍କୁଲରେ ବିଭିନ୍ନ ପ୍ରକାର ଆୟୋଜନରେ ମଧ୍ୟ ପିଲାଙ୍କର ଭୂମିକା ରହିଥାଏ। ସ୍କୁଲରେ ପାଠପଢ଼ା ବନ୍ଦ କରି ପୂଜା ପରିବେଶରେ ପୂରା ଦିନ କଟେଇ ଦେବାର ଅନୁଭୂତି ସମସ୍ତଙ୍କ ପାଇଁ ଭିନ୍ନ ହୋଇଥାଏ। ତେବେ ଏହି ଦିନଟିକୁ ପିଲାମାନେ କିଭଳି ପାଳିବା ପାଇଁ ଯୋଜନା କରିଛନ୍ତି ସେସମ୍ପର୍କରେ କେତେକ ପିଲା ଯାହା କୁହନ୍ତି...

**ପ୍ରଥମେ ଘରେ ପୂଜା କରିବି:** ପ୍ରତିବର୍ଷ ଭଳି ଏବର୍ଷ ପ୍ରଥମେ ଘରେ ପୂଜା କରି ପୁଷ୍ପାଞ୍ଜଳି ଦେବା ପରେ ସ୍କୁଲକୁ ଯିବି। ଘରେ ସବୁଥର ମାଆ ପୂଜା କରି ଆମକୁ ପୁଷ୍ପାଞ୍ଜଳି ଦେବା ପାଇଁ କୁହନ୍ତି। ପୂଜା ପାଇଁ ଘରକୁ ମାଆ ସରସ୍ୱତୀଙ୍କର ଏକ ଛୋଟ ମୂର୍ତ୍ତି ମଧ୍ୟ କିଣା ହୋଇ ଆସେ। ଆଉ ଘରେ ଚୂଡ଼ାଘଷା ଭୋଗ ମଧ୍ୟ ହୁଏ। ମତେ ସ୍କୁଲକୁ ଯିବାକୁ ଥିବାରୁ ମାଆ ସକାଳୁ ଶୀଘ୍ର ପୂଜା ସାରି ଦିଅନ୍ତି। ତା'ପରେ ଭୋଗ ଖାଇ ସାରି ସ୍କୁଲକୁ ଯାଏ। ସେଠି ପୁଣି ଥରେ ପୁଷ୍ପାଞ୍ଜଳି ଦିଏ ଓ ଭୋଗ ଖାଏ। ବହୁତ ଭଲ ଲାଗେ। ଏବର୍ଷ ଆମ ଘର ପୂଜାରେ ସାମିଲ ହେବା ପାଇଁ ପାଖଘରର ଦୁଇ ଜଣ ସାଙ୍ଗ ମଧ୍ୟ ଆସିବେ।



**– ଏସ୍ . ସାଇକ୍ରିଷ୍ଣା,** କ୍ଲାସ୍-୭, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସିଆରପିଏଫ୍ କ୍ୟାମ୍ପସ୍, ଭୁବନେଶ୍ୱର

**ପୂଜାରେ ଭୋଜି ହେବ:** ସ୍କୁଲର ପୂଜା ପାଇଁ ମୋର ବହୁ ଦାୟିତ୍ୱ ରହିଥାଏ। ପ୍ରତିବର୍ଷ ଆମ ସ୍କୁଲରେ ସରସ୍ୱତୀ ପୂଜାରେ ଭୋଜି ହୋଇଥାଏ। ଏଥିପାଇଁ ବିଭିନ୍ନ ଜିନିଷ କିଣାକିଣି କରିବାକୁ ଆମେ ସାଙ୍ଗମାନେ ଯାଉ। ତେଣୁ ପୂଜା ପୂର୍ବରୁ କିଛି ଦିନ ଆଗରୁ ଆମକୁ ବହୁତ କାମ କରିବାକୁ ହୋଇଥାଏ। ଅବଶ୍ୟ ଆମେ କେତେଜଣ ସାଙ୍ଗ ମିଶି ସାର୍‌ଙ୍କ ସହିତ ଏହି ସବୁ ପ୍ରସ୍ତୁତି କାମ କରୁ। ଏହି କାମରେ ଏକ ଭିନ୍ନ ଆନନ୍ଦ ମଧ୍ୟ ଥାଏ। ସ୍କୁଲ ଘରକୁ ସଜାଇବା, ଫୁଲ ସଂଗ୍ରହ କରିବା ଏମିତି କେତେ କାମ ଆମେ ସ୍ୱଇଚ୍ଛାରେ କରିଥାଉ।



**– ଲିଙ୍କନ ସା,** କ୍ଲାସ୍- ୯, ସୁନ୍ଦରଗଡ଼ ପବ୍ଲିକ ସ୍କୁଲ, ସୁନ୍ଦରଗଡ଼

**ସ୍କୁଲରେ ଭୋଗ କରିବି:** ସରସ୍ୱତୀ ପୂଜାରେ ଆମ ଗାଁରେ ଥିବା ସ୍କୁଲକୁ ପୂଜା କରିବାକୁ ଯିବି। ସେଥିପାଇଁ ଘର ପାଖରେ ଥିବା ସାଙ୍ଗମାନଙ୍କ ସହ କଥା ହେଇଛି। ସେମାନେ ସ୍କୁଲକୁ ଯିବା ପୂର୍ବରୁ ମତେ ଡାକିବେ। ତେବେ ସ୍କୁଲକୁ ଯିବା ପୂର୍ବରୁ ଆମେ ସମସ୍ତେ ମିଶି ପରସ୍ପର ଘରକୁ ବୁଲିବାକୁ ଯିବୁ। ସେଥିପାଇଁ ଆମେ ସମସ୍ତେ ପ୍ରଥମେ ଘରେ ପୁଷ୍ପାଞ୍ଜଳି ଦେଇ ସ୍କୁଲକୁ ଯାଉ। କାରଣ ସ୍କୁଲରେ ପୂଜା ଟିକେ ଡେରିରେ ହୁଏ। ସ୍କୁଲରେ ସମସ୍ତେ ଯାଇ କେବଳ ପେନ୍‌ସିଲ ଓ କଲମ ପୂଜା କରିବା ସହିତ ଭୋଗ କରୁ। ଏଥିପାଇଁ ଘରୁ ନଡିଆ ଓ ଅନ୍ୟ ଫଳ ନେଇ ସ୍କୁଲକୁ ଯାଏ।



**– ଆରାଧ୍ୟା ସାହୁ**
କ୍ଲାସ୍- ୫, କେନ୍ଦ୍ରୀୟ ବିଦ୍ୟାଳୟ, ବ୍ୟାସନଗର, ଯାଜପୁର ରୋଡ଼୍

**ପାଖ ସ୍କୁଲରେ ପୂଜା କରିବି:** ଏଥର ଆମ ପଡ଼ିଶା ଘର ସାଙ୍ଗ ବୁବୁନୁ ସହିତ ତାଙ୍କ ସ୍କୁଲକୁ ଯିବି। ତାଙ୍କ ସ୍କୁଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆମ ଘର ପାଖରେ ଥିବାରୁ ମୁଁ ସବୁ ଥର ତାଙ୍କ ସହିତ ଯାଏ। ଏଠି ସ୍କୁଲରେ ସାର୍‌ମାନେ ବି ମତେ ଚିହ୍ନି ଯାଇଛନ୍ତି। ତେଣୁ ପୂଜା କରିବାକୁ ଗଲେ କିଛି ଅଡୁଆ ଲାଗେନି। ସକାଳୁ ଘରେ ମାଆଙ୍କ ସହିତ ପୂଜା ସାରିବା ପରେ ନୂଆ ଡ୍ରେସ୍ ପିନ୍ଧି ବୁବୁନୁ ସହିତ ସ୍କୁଲକୁ ଯିବି। ଯିବାବେଳେ ଭୋଗ କରିବା ପାଇଁ ନଡ଼ିଆ ନେବି ଆଉ ସ୍କୁଲରେ ନିଜେ ଭାଙ୍ଗିବି। ପୂଜା ଲାଗି ପେନ୍‌ସିଲ ଓ କଲମ ମଧ୍ୟ ନେଇକି ଯିବି। ପୂଜା ଦୁଇ ଦିନ ଗଲେ ମାଆ ସରସ୍ୱତୀଙ୍କ ବିସର୍ଜନ ହେବା ପରେ ବୁବୁନୁ ପେନ୍‌ସିଲ ଓ କଲମ ଆଣି ଆମ ଘରେ ଦବ।



**– ଶ୍ରେୟାଂଶ ମହାପାତ୍ର,** କ୍ଲାସ୍- ୬, ଲୋୟଲା ସ୍କୁଲ, ଭୁବନେଶ୍ୱର

**ସାଙ୍ଗ ଘରକୁ ଯିବି:** ନୂଆ ଡ୍ରେସ୍ ପିନ୍ଧି ସ୍କୁଲକୁ ଯିବି ଓ ସେଠି ସମସ୍ତଙ୍କ ସହିତ ମିଶି ପୁଷ୍ପାଞ୍ଜଳି ଦେବି। ଭୋଗ ଖାଇବା ପରେ ପୁଣି ସାଙ୍ଗମାନଙ୍କ ଘରକୁ ବୁଲିବାକୁ ଯିବି ବୋଲି ଆମେ ପ୍ଲାନ୍ କରିଛୁ। ଏଠି ଘର ପାଖରେ ସାଙ୍ଗମାନଙ୍କ ଘରକୁ ସାଇକେଲ୍‌ରେ ଯାଇହେବ। ତେଣୁ ଚାରିଜଣ ସାଙ୍ଗମିଶି ସମସ୍ତେ ସମସ୍ତଙ୍କ ଘରକୁ ଯିବୁ ବୋଲି କଥା ହେଇଛୁ। ତା'ପରେ ସ୍କୁଲକୁ ଫେରି ସେଠି ଭୋଜିରେ ପ୍ରସାଦ ସେବନ କରି ଘରକୁ ଫେରିବୁ। ସେଦିନ ତ ପାଠପଢ଼ା ପୂରା ବନ୍ଦ, ତେଣୁ କିଛି ଚିନ୍ତା ନାହିଁ।



**– ଅର୍ପିତା ସାହୁ**
କ୍ଲାସ- ୭, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ୟୁନିଟ-୪, ଭୁବନେଶ୍ୱର




୧ ଶ୍ରୀଦିକଶା ଦେହୁରୀ
କ୍ଲାସ୍-୧, ସେଣ୍ଟ ଜନ୍ ସ୍କୁଲ, ବୌଦ୍ଧ


୨ ଅଂଶୁମାନ ସାହୁ
କ୍ଲାସ୍- ୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅଙ୍ଗରାନ୍ତିପୁର, ଢେଙ୍କାନାଳ


୩ ଦେବସ୍ମିତା ରାଉତ
କ୍ଲାସ୍- ୬, ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର, ଯାଜପୁର


୪ ଈଶ୍ୱରୀ ପ୍ରଧାନ
କ୍ଲାସ୍-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୁବନେଶ୍ୱର


୫ ସାଇ ଶ୍ରେୟାଂଶ ମହାନ୍ତି
କ୍ଲାସ୍- ୨, ସାଇ ସ୍ମାର୍ଟ ସ୍କୁଲ, ପୁରୀ


୬ ବେଦାର୍ଥ ଦାଶ
କ୍ଲାସ୍- ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର


୭ ଚିନ୍ମୟୀ ଗିରି
କ୍ଲାସ୍-୬, ଏଜଏନ୍.ଭି. ବାଲିମେଳା, ମାଲକାନଗିରି



୮ ରୋନଭ ଅଗରୱାଲ
କ୍ଲାସ୍- ୪, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ


୯ ତନ୍ୱି ଛତର
କ୍ଲାସ୍-୧, ଜି.ଡି. ଗୋଏଙ୍କା ପବ୍ଲିକ ସ୍କୁଲ, ଭୁବନେଶ୍ୱର


୧୦ ଘନିଶ କୁମାର ବେହେରା
କ୍ଲାସ୍- ୧, ପବ୍ଲିକ ସ୍କୁଲ, ଛତ୍ରପୁର, ଗଞ୍ଜାମ


୧


୨


୩



୯


୪


୫


୬


୭



୮


୧୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍



# ମୁଣ୍ଡରେ ଭାଙ୍ଗୁଛି ନଡ଼ିଆ

ମୁଣ୍ଡରେ ନଡ଼ିଆଟିଏ ଭାଙ୍ଗିଲେ କଷ୍ଟ ହେବ ନିଶ୍ଚୟ। କିନ୍ତୁ ଏହି କଷ୍ଟକର କାମକୁ କେତେକେ ଏଭଳି ଅଭ୍ୟାସରେ ପକାଇ ଦେଇଥାନ୍ତି ଯେ ଅନେକଗୁଡିଏ ନଡିଆ ଭାଙ୍ଗିପାରନ୍ତି। ଏମିତି କିଛି କାମ କରି ଗିନିଜ୍ ରେକର୍ଡ କରିଛି ଭାରତର ବୀର ଖାସ୍‌ଲା ଗ୍ରୁପ୍। ୧ ମିନିଟ୍‌ରେ ଏହି ଗ୍ରୁପ୍ ଜଣଙ୍କ ମୁଣ୍ଡରେ ୮୫ଟି ନଡିଆ ଭାଙ୍ଗି ଗିନିଜ୍ ରେକର୍ଡ କରିପାରିଛି। ୨୦୨୪ ଫେବୃଆରୀରେ ଇଟାଲିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବୀର ଖାସ୍‌ଲା ଏହି ପ୍ରଦର୍ଶନ କରିଥିଲା। ବେସ୍ ବଲ୍ ବ୍ୟାଟ୍ ସାହାଯ୍ୟରେ ଜଣଙ୍କ ମୁଣ୍ଡ ଉପରେ ନଡ଼ିଆକୁ ଭଙ୍ଗା ଯାଇଥିଲା। ଗୋଟିଏ ପରେ ଗୋଟିଏ ନଡିଆ ଏତେ ଶୀଘ୍ର ଭାଙ୍ଗିଥିଲେ ବି ନଡ଼ିଆ ଭାଙ୍ଗିବା ପାଇଁ ମୁଣ୍ଡ ଦେଖାଇଥିବା ବ୍ୟକ୍ତି କିନ୍ତୁ ଧୈର୍ଯ୍ୟର ସହିତ ବସିଥିଲେ। ତେବେ ଏଭଳି ଏକ ରେକର୍ଡ କରୁଥିବାବେଳର ଭିଡିଓକୁ ଦେଖି ଲୋକେ ବିସ୍ମୟ ପ୍ରକାଶ କରିଛନ୍ତି।



# କବିତା

## ଶ୍ରୀପଞ୍ଚମୀ ଦିନ

ଶ୍ରୀପଞ୍ଚମୀ ଦିନ ଧରାବତରଣ
କରିଥାନ୍ତି ବୀଣାପାଣି,
ତାଙ୍କ ଆଗମନେ ଅପୂର୍ବ ପୁଲକେ
ହସଇ ପ୍ରକୃତିରାଣୀ,
ବୀଣା ପୁସ୍ତକକୁ କରିଣ ଧାରଣ
ମରାଳ ପୃଷ୍ଠରେ ବସି।
ଶ୍ୱେତ ବସ୍ତ୍ରାବୃତା ହୋଇ ବିଦ୍ୟାଦାତ୍ରୀ
ଆସିଥାନ୍ତି ହସି ହସି,
କଳା ସାହିତ୍ୟର ଅବାରିତ ଧାରା
ସେ ଯେ ସଙ୍ଗୀତର ପ୍ରାଣ,
ମୂରୁଖମାନଙ୍କୁ ଦେଇ ସଦ୍‌ବୁଦ୍ଧି
କରିଥାନ୍ତି ପରିତ୍ରାଣ।
ତାଙ୍କ ଦୟା ଲାଭ କରିବା ନିମନ୍ତେ
ଲୋଡ଼ା ଶୁଦ୍ଧପୂତ ମନ,
ବୃଥା ଆଡ଼ମ୍ବର ମିଛ ସାଜସଜ୍ଜା
ଅଟେ ଜାଣ ପ୍ରହସନ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୁରଡିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ମାଆ ସରସ୍ୱତୀ

ମାଆ ସରସ୍ୱତୀଙ୍କୁ କରି ଜୁହାର
ପାଠଶାଳା ଯିବା ହୋଇ ଆଗଭର।
ହସ୍ତ ଆଞ୍ଜୁଳିରେ ପୁଷ୍ପକୁ ଧରି
ଶିଶୁ ପ୍ରାର୍ଥନା ଶୁଣ ମା’ କରୁ ଗୁହାରି।
ଖଡି ସିଲଟ ଧରି ଗୁରୁଙ୍କ ଆଗେ
ଯଶ କିରତି ରଖିବା ବିଦ୍ୟା ମହାବଳେ।

**– ସୁକାନ୍ତି ପ୍ରଧାନ**
ନୀଳଚକ୍ର ଆପାର୍ଟମେଣ୍ଟ, ଭୁବନେଶ୍ୱର
ମୋ: ୮୪୮୦୯୦୪୧୦୧

## ଶୁଭ ଶ୍ରୀପଞ୍ଚମୀ

ସରସ୍ୱତୀ ପୂଜା ଆସିଲା
ବିଦ୍ୟାଳୟ କୋଠା ହସିଲା
ଖୁସିରେ ବିଭୋର ଶ୍ୱେତ ପଦୁଅଁର
ବାସ ମହମହ ବାସିଲା।
ଛାତ୍ରୀଛାତ୍ର ମନ ମଜେଇ
ପୂଜା ମଣ୍ଡପକୁ ସଜେଇ
ମାଆଙ୍କ ପାଦରେ ପୂଜିବେ ଭକ୍ତିରେ
ଶଙ୍ଖ ଫୁଙ୍କି ଘଣ୍ଟ ବଜେଇ।
ମାଆ ପାଦତଳେ ପଡ଼ିକି
କହିବେ ହାତକୁ ଯୋଡ଼ିକି
କରି ବିଦ୍ୟାଦାନ ଦିଅ ସଦ୍‌ଜ୍ଞାନ
କୁସଂସ୍କାର ପ୍ରଥା ତଡ଼ିକି।
ତୁମରି ଆଶିଷ ବଳରେ
ଯଶ ରହୁ ଧରା ତଳରେ
ଏତିକି ଗୁହାରି ଚରଣେ ତୁମରି
ଶୁଭ ଶ୍ରୀପଞ୍ଚମୀ ବେଳରେ।

**– ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

## ଦେବୀ ବୀଣାପାଣି

ଦେବୀ ବୀଣାପାଣି ବୀଣାକୁ ବଜେଇ
ଆସିଛନ୍ତି ଧରାଧାମକୁ
ବିଦ୍ୟା, ବୁଦ୍ଧି, ଜ୍ଞାନ, ଶିକ୍ଷା ଓ ସଂସ୍କାର
ଢାଳି ଦେବାପାଇଁ ଆମକୁ।
ସଅଳ ସଅଳ ସକାଳୁ ଉଠିଣ
ପୂଜାଥାଳି ଦେବା ସଜେଇ
ମାଆଙ୍କ ପୟର ପୂଜିବା ଆନନ୍ଦେ
ଘଣ୍ଟ,ଘଣ୍ଟି, ଢୋଲ ବଜେଇ।
ଗାଇବା ମାଆଙ୍କ ବନ୍ଦନା ଆତୁରେ
ହୋଇ ଏକମେଳ ସଭିଏଁ
ସରସ୍ୱତୀଙ୍କର କୃପା ନହୋଇଲେ
ଲେଖି ନପାରନ୍ତି କବିଏଁ।
କବି କାଳିଦାସ, ଭଞ୍ଜ, ଜଗନ୍ନାଥ
ଲଭିଣ ଭାରତୀ କରୁଣା
ସାହିତ୍ୟ, ସଂସ୍କୃତି, କାବ୍ୟ କବିତାରେ
ଝରେଇଲେ ଶବ୍ଦ ଝରଣା।
ମଥାନତ କରି ପୁଷ୍ପାଞ୍ଜଳି ଦେଇ
ଦେବୀଙ୍କୁ ଆଶିଷ ମାଗିବା
ସେ ଆଶିଷ ପାଇ ଜ୍ଞାନୀଗୁଣି ହୋଇ
ନିତି ଭଲକାମେ ଲାଗିବା।

**– ଶରତ ଚନ୍ଦ୍ର ଜାଲି**
ମୋ: ୮୨୪୯୫୩୪୨୭୪

# ଏଥରର

- ବନ୍ଦେ ମାତରମ୍ କିଏ ରଚନା କରିଛନ୍ତି ?
- ପଲାସି ଯୁଦ୍ଧ କେଉଁଠାରେ ହୋଇଥିଲା ?
- ତୃତୀୟ ପାନିପଥ ଯୁଦ୍ଧରେ ମରାଠୀମାନଙ୍କୁ କିଏ ପରାସ୍ତ କରିଥିଲେ ?
- ହର୍ଷବର୍ଦ୍ଧନଙ୍କ ରାଜତ୍ୱ ସମୟରେ କେଉଁ ଚାଇନା ପରିବ୍ରାଜକ ଭାରତ ପରିଦର୍ଶନରେ ଆସିଥିଲେ ?
- ମୌର୍ଯ୍ୟ ସାମ୍ରାଜ୍ୟର ପ୍ରଥମ ଶାସକ ?

## ଗତଥରର ଉତ୍ତର

- ମହାତ୍ମା ଗାନ୍ଧୀ
- ଜବାହରଲାଲ ନେହରୁ
- ରବୀନ୍ଦ୍ରନାଥ ଟାଗୋର
- ବାବର
- ୧୯୧୧

# କହିଲ ଦେଖି

ହସ୍ତରେ ବୀଣା ପୁସ୍ତକ ଥାଏ
ବିଦ୍ୟା ଭାରତୀ ତାଙ୍କରି ନାମ
ପଦ୍ମଫୁଲ ତାଙ୍କ ଆସନ ହୋଇ
ଦିଶେ କେଡ଼େ ଶୋଭାବନ
କୁହ କୁହ ତାଙ୍କ ନାମଟି ପୂର୍ଣ୍ଣ ?



**ଉତ୍ତର – ମାଆ ସରସ୍ୱତୀ**

ମାଘ ମାସରେ ପଡ଼ଇ ପୂଜା
ଆମ ବିଦ୍ୟାଳୟ ହୋଇଛି ସଜା
ଖଡ଼ି ଧରି ଚାଟ ପଢଇ ପାଠ
ବ୍ରହ୍ମାଙ୍କର ଜେମା ଅଟନ୍ତି ସେତ
କିଏ କହିବ ଏ କେଉଁ ପୂଜା ତ ?



**ଉତ୍ତର – ଶ୍ରୀପଞ୍ଚମୀ**

ସରସ୍ୱତୀଙ୍କର ବାହାନ ସିଏ
ଦେଖିବାକୁ ପୂରା ଧଳା
କ୍ଷୀରରୁ ପାଣିକୁ ଅଲଗା କରେ
ଜଳେ କରୁଥାଏ ସଦା ବାସ
କିଏ କହିବ ନାମଟି କିସ ?



**ଉତ୍ତର – ହଂସ**

ବିଷ୍ଣୁଙ୍କ ନାଭିରୁ ଜନମ ହୋଇ
ଜଳର ଭିତରେ କରିଲା ଘର
ସୂର୍ଯ୍ୟ ଆଲୋକ ପଡ଼ିଲେ ଦେହେ
ଖୋଲିଯାଏ ତା’ର ସୁନ୍ଦର ମୁହଁ
ଉତ୍ତର କହି କି ଜ୍ଞାନୀ ବୋଲାଅ ?




**ଉତ୍ତର – ପଦ୍ମ ଫୁଲ**

**– ସୁନୀଲ କୁମାର ପ୍ରଧାନ**
ଝାଟିପଦର, ପାଲୁର, ଗଞ୍ଜାମ
ମୋ: ୭୬୦୯୯୩୪୩୬୬



# ବେଳାଭୂମିର ଦେଶ

ସମୁଦ୍ରକୂଳ ବା ବିଚ୍‌ରେ ବୁଲିବାକୁ ସମସ୍ତଙ୍କୁ ଭାରି ମଜା ଲାଗେ। ସମୁଦ୍ରକୂଳରେ ସକାଳ ଏବଂ ସନ୍ଧ୍ୟା ସମୟର ଦୃଶ୍ୟ ମନୋରମ । କିନ୍ତୁ ପିଲାଏ, ତୁମେ ଜାଣିଛ କି ଏପରି ଏକ ଦେଶ ଅଛି, ଯେଉଁଠି କେବଳ ବିଚ୍ ହିଁ ବିଚ୍। ପୃଥିବୀରେ ଏଭଳି କେତେକ ଦେଶ ରହିଛି, ଯେଉଁଠି ବିଚ୍ ବେଶ୍ ଆକର୍ଷଣୀୟ ଏବଂ ଏଠାରେ ବର୍ଷତମାମ ପର୍ଯ୍ୟଟକଙ୍କର ଭିଡ ଲାଗି ରହିଥାଏ। କେବଳ ସେତିକି ନୁହେଁ, ଅନେକେ ସ୍ୱପ୍ନ ଦେଖିଥା'ନ୍ତି ତାଙ୍କ ଘର ବିଚ୍‌ରେ ହୋଇଥାନ୍ତା କି! ଆଜି ତୁମକୁ ଏପରି ଦେଶ ବିଷୟରେ ସୂଚନା ଦିଆଯାଉଛି, ଯେଉଁଠି ବିଚ୍ ସଂଖ୍ୟା ଅନ୍ୟ ଦେଶ ତୁଳନାରେ ଢ଼େର ଅଧିକ। ଏକ ରିପୋର୍ଟ ଅନୁଯାୟୀ, ଅଷ୍ଟ୍ରେଲିଆରେ ପାଖାପାଖି ୧୧,୭୬୧ରୁ ଅଧିକ ବିଚ୍ ରହିଛି। ଯଦି ଜଣେ ବ୍ୟକ୍ତି ଦୈନିକ ଗୋଟିଏ ଲେଖାଏଁ ବିଚ୍ ବୁଲିବେ, ତେବେ ଏଠାକାର ସବୁ ବିଚ୍‌ଗୁଡିକ ବୁଲିବାକୁ ତାଙ୍କୁ ପ୍ରାୟ ୨୭ବର୍ଷରୁ ଅଧିକ ସମୟ ଲାଗିପାରେ। ଏଥିପାଇଁ ଅଷ୍ଟ୍ରେଲିଆକୁ 'ବିଚ୍‌ର ଘର' କୁହାଯାଏ।



# ହାତୀ ବି ହୁଅନ୍ତି ଡିପ୍ରେଶନର ଶିକାର

ମଣିଷ ଡିପ୍ରେଶନର ଶିକାର ହୋଇଥାନ୍ତି। କିନ୍ତୁ ଜାଣିଛ, ପ୍ରାଣୀମାନେ ମଧ୍ୟ ଏଥିରୁ ବାଦ୍ ପଡ଼ନ୍ତି ନାହିଁ। ମଣିଷ ପରି ହାତୀ ମଧ୍ୟ ଡିପ୍ରେଶନ୍‌ର ସମ୍ମୁଖୀନ ହେବାର ନଜୀର ରହିଛି। ପୃଥିବୀପୃଷ୍ଠରେ ହାତୀଙ୍କୁ ସବୁଠାରୁ ବଳଶାଳୀ ପ୍ରାଣୀ ରୂପେ ଗଣନା କରାଯାଏ। ଏଭଳି ମତ ଦେବା ପୂର୍ବରୁ ଫିନ୍‌ଲାଣ୍ଡର କେତେକ ବୈଜ୍ଞାନିକ ମ୍ୟାନ୍‌ମାରରେ ଦେଖାଯାଉଥିବା ହାତୀଙ୍କ ଉପରେ ଏକ ଗବେଷଣା କରିଥିଲେ। ଏହି ସମୟରେ ଏମାନଙ୍କର ମଳ ପରୀକ୍ଷା କରାଯାଇଥିଲା। ଏଥିରୁ ସେମାନଙ୍କଠାରେ ଷ୍ଟ୍ରେସ ହର୍ମୋନର ସ୍ତର ଅଧିକ ରହୁଥିବାର ଦେଖିବାକୁ ମିଳିଥିଲା। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ମାଈ ହାତୀ ତୁଳନାରେ ଅଣ୍ଡିରା ହାତୀ ଅଧିକ ଡିପ୍ରେଶନର ଶିକାର ହୋଇଥାଆନ୍ତି। ଅଣ୍ଡିରା ହାତୀ ଅପେକ୍ଷା ମାଈ ହାତୀଙ୍କର ଡିପ୍ରେଶନ ହାର କମ୍ ଦେଖିବାକୁ ମିଳିଥାଏ। କାରଣ ଅଣ୍ଡିରା ହାତୀ ଅଧିକାଂଶ ସମୟ ଏକୁଟିଆ ରହିଲେ ଡିପ୍ରେଶନର ବଶବର୍ତ୍ତୀ ହୋଇଥାଏ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ବିଶେଷଭାବରେ ହାତୀଗୁଡିକ ଦଳବଦ୍ଧ ହୋଇ ରହିବାକୁ ପସନ୍ଦ କରନ୍ତି।



# ଅଧିକ ସାପ ଦେଖାଯାଉଥିବା ଦେଶ

ସମଗ୍ର ବିଶ୍ୱରେ ଏଭଳି ଏକ ଦେଶ ରହିଛି, ଯେଉଁଠି ଅଧିକ ସାପ ଦେଖାଯାଇଥାଆନ୍ତି। ଏହି ତାଲିକାର ଶୀର୍ଷ ସ୍ଥାନରେ ରହିଛି ମେକ୍‌ସିକୋ। ଏଠାରେ ପ୍ରାୟ ୪୩୮ ପ୍ରଜାତିର ସାପ ଦେଖାଯାଆନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଦେଶଟି ହେଲା ବ୍ରାଜିଲ। ଏହି ଦେଶରେ ପ୍ରାୟ ୪୦୦ ପ୍ରଜାତିର ସାପ ଦେଖିବାକୁ ମିଳନ୍ତି। ହେଲେ ଜାଣିଛ ଏହି ତାଲିକାରେ ଇଣ୍ଡୋନେସିଆ ତୃତୀୟ (୩୭୬ ପ୍ରଜାତି) ଏବଂ ଆମ ଦେଶ ଚତୁର୍ଥ (୩୦୦ପ୍ରଜାତି )ସ୍ଥାନରେ ରହିଛି। ଏହା ବ୍ୟତୀତ ସର୍ପାଘାତ ମୃତ୍ୟୁ ତାଲିକାରେ ଆମ ଦେଶ ପ୍ରଥମ ସ୍ଥାନରେ ରହିଛି।

# ସର୍ବାଧିକ ଚିନାବାଦାମ ଉତ୍ପାଦନ କରୁଥିବା ରାଜ୍ୟ

ପ୍ରାୟ ସମସ୍ତେ ଚିନାବାଦାମ ଖାଇବାକୁ ପସନ୍ଦ କରନ୍ତି। ଚିନାବାଦାମକୁ ସବୁଠାରୁ ଶସ୍ତା ବାଦାମ କୁହାଯାଏ। ଏହାକୁ ଖାଇଲେ ବହୁ ଶକ୍ତି ମିଳେ। ଗୁଜରାଟରେ ଅନ୍ୟ ଚାଷ ବ୍ୟତୀତ ପ୍ରାୟ ୪୦%ରୁ ଅଧିକ ଚିନାବାଦାମ ଉତ୍ପାଦନ ହୋଇଥାଏ। ଏଠାରେ ପ୍ରାୟ ୨୦ଲକ୍ଷ ହେକ୍ଟର ଜମିରେ ଚିନାବାଦାମ ଚାଷ କରାଯାଏ। ଗୁଜରାଟ ଭାରତର ସବୁଠାରୁ ଅଧିକ ଚିନାବାଦାମ ଉତ୍ପାଦନ କରୁଥିବା ରାଜ୍ୟ ଭାବରେ ବେଶ୍ ଜଣାଶୁଣା।



# ଆ ଇ ନା



ବିଜୟଲକ୍ଷ୍ମୀ ଜେନା
୮ ବର୍ଷ/ଯାଜପୁର



ଦେବିକା ଦେବୋଲିନା
୪ ବର୍ଷ/ କଟକ